
# ବଣ୍ଡା





ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨



# ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡ଼ିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

**(ସନ୍ତୋଷ କୁମାର ଷଡ଼ଙ୍ଗୀ)**

କମିଶନର ତଥା ଶାସନ ସଚିବ



# ବଣ୍ଡା





ମୂଳ ଇଂରାଜୀ:
ଅଖିଳ ବିହାରୀ ଓତା
ଶରତ ଚନ୍ଦ୍ର ମହାନ୍ତି

ଓଡ଼ିଆ ଅନୁସୃଜନ:
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍



## ଉପକ୍ରମଣିକା :

ପୂର୍ବଘାଟ ପର୍ବତମାଳା ଅନ୍ତର୍ଭୁକ୍ତ ମାଲକାନଗିରି ଜିଲ୍ଲାର ପୂର୍ବ ପଟକୁ ପ୍ରଲମ୍ବିତ କଣ୍ଡାକାମ୍ବେରୁ ଉଚ୍ଚ ପର୍ବତଶ୍ରେଣୀର ଅଭ୍ୟନ୍ତର ପ୍ରଦେଶରେ ସାହସୀ ଓ ସୌମ୍ୟଦର୍ଶୀ ବଣ୍ଡାମାନଙ୍କର ବସତି । ସୁଉଚ୍ଚ ପର୍ବତମାଳା ସେମାନଙ୍କର ପ୍ରିୟ ବାସ ସ୍ଥାନ । ମାଛକୁଣ୍ଡ ନଦୀର ଉତ୍ତର ପଶ୍ଚିମ ଦିଗରେ ଅବସ୍ଥିତ ବନ୍ଧୁର ଓ ସୁଉଚ୍ଚ ମାଳଭୂମି ଭିତରେ ବଣ୍ଡାମାନେ ସୀମିତ । ଏମାନେ ବସବାସ କରୁଥିବା ପାହାଡ଼ ଏମାନଙ୍କ ନାମ ଅନୁସାରେ ବଣ୍ଡାପାହାଡ଼ ।







ପ୍ରକୃତି କୋଳରେ ବିଷୁବ ମଣ୍ଡଳୀୟ ଘଞ୍ଚ ଜଙ୍ଗଲ, ଗଡାଣି ପାହାଡ଼, ଜଙ୍ଗଲ ସଂପଦଓ ପଶୁସଂପଦାରେ ସମୃଦ୍ଧ ଆରଣ୍ୟକ ଭୂଖଣ୍ଡରେ ସମୁଦ୍ର ପତ୍ତନ ଠାରୁ ପ୍ରାୟ ୩୦୦୦ ଫୁଟ ଉଚ୍ଚରେ ବଣ୍ଡାମାନେ ବାସ କରିଆସୁଛନ୍ତି ।

# ପରିଚିତି

ପଡ଼ୋଶୀମାନେ ସେମାନଙ୍କୁ 'ବଣ୍ଡା' କୁହନ୍ତି । ସେମାନେ ନିଜକୁ କୁହନ୍ତି ରେମୋ । ରେମୋ ଅର୍ଥ ମଣିଷ । ସେମାନଙ୍କର ଜୀବନଶୈଳୀ ଓ ବ୍ୟକ୍ତିଗତ ଚେହେରାର ସ୍ୱତନ୍ତ୍ରତା ସେମାନଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା ବୋଲି ଚିହ୍ନାଇ ଦିଏ । ବଣ୍ଡା ପୁରୁଷ ଅଣଓସାରିଆ ଲମ୍ବା କପଡ଼ାକୁ ପିନ୍ଧନ୍ତି । ମହିଳାମାନଙ୍କର ପରିଧାନ ସାମଗ୍ରୀ ବେଶ୍ ବିଚିତ୍ର ।

କିମ୍ବଦନ୍ତୀ ସମ୍ବଳିତ କାହାଣୀ ବା ଜନଶ୍ରୁତି ଅଧାରରେ ବଣ୍ଡା ମହିଳା ଅଣ୍ଟାଠାରୁ ଉପରକୁ କୌଣସି ବସ୍ତ୍ର ପିନ୍ଧେ ନାହିଁ । ପିତ୍ତଳ ଓ କାଚ ଦ୍ୱାରା ନିର୍ମିତ ଗଳାମାଳି, ହାର, ପିତ୍ତଳ ଓ ରସ ନିର୍ମିତ ବୃତ୍ତାକାର ଓଜନିଆ ଅଳଂକାର ଶରୀରର ଉପର ଅନାବୃତ ଅଂଶକୁ ଆଚ୍ଛାଦିତ କରେ । ଛାତି ସଂପୂର୍ଣ୍ଣ ଆବୃତ୍ତ ହୋଇ ରହେ । ଲମ୍ବ ଓ ରଙ୍ଗୀନ୍ ମାଳିଗୁଡ଼ିକ ନାଭିଠାରୁ ଆହୁରି ତଳକୁ ଓହଳି ସଂପୂର୍ଣ୍ଣ ଶରୀରକୁ ଢାଙ୍କି ରଖିଥାଏ ।










ବଣ୍ଡା ମହିଳା ଅଣ୍ଟାରେ ପ୍ରାୟତଃ ଫୁଟେ ଚଉଡ଼ା ଓ ୩ ଫୁଟ / ୪ ଫୁଟ ଚଉଡାର ମୋଟା, ରଙ୍ଗୀନ କପଡ଼ାକୁ ପିନ୍ଧାବସ୍ତ୍ର ଭାବରେ ବ୍ୟବହାର କରେ । ଏହାକୁ ସେମାନେ ନାଡ଼ୀ ବା ରିଙ୍ଗା କୁହନ୍ତି । ଏହି ରିଙ୍ଗା ଅଣ୍ଟା ଚାରିପଟେ ଗୁଡ଼ା ଯାଇଥିବା ସୂତା(ତୁମିଆ) ସହିତ ସଂଯୁକ୍ତ ହୁଏ । ଶରୀରର ନିମ୍ନାଂଗକୁ ଏହା କିଛି ପରିମାଣରେ ଆବୃତ୍ତ କରେ । ବ୍ୟବହୃତ ରିଙ୍ଗା ସ୍ୱନିର୍ମିତ ତନ୍ତ ଦ୍ୱାରା ତିଆରି କରାଯାଏ । ପ୍ରାକୃତିକ କେରଙ୍ଗ ତନ୍ତୁରେ ରଙ୍ଗ ଦେଇ ଅବସର ସମୟରେ ରିଙ୍ଗା ବୁଣା ଯାଇଥାଏ ।


ସ୍ୱତନ୍ତ୍ର ଓ ସୁଦୃଶ୍ୟ ବେଶଭୂଷାର ଢଙ୍ଗ ଓ ପାରଂପରିକ ସାଜସଜ୍ଜାର ମଣ୍ଡନରେ ବଣ୍ଡା ମହିଳା ଦେଖିବାକୁ ବେଶ୍ ସୁନ୍ଦର ତଥା ଆକର୍ଷଣୀୟ ମନେହୁଏ । ସେମାନଙ୍କର ପାରଂପରିକ ପୋଷାକ ପରିଚ୍ଛଦଓ ପରିଧେୟ ସାମଗ୍ରୀ ମଧ୍ୟରେ ରଙ୍ଗୀନ୍ ମାଳିରେ ଗୁନ୍ଥା ହୋଇଥିବା ଲମ୍ବାଳିଆ ମାଳ, ଟଙ୍କା ଓ କଉଡ଼ିର ମାଳ ତଥା ଲଣ୍ଡିତ ମସ୍ତକରେ ଗୁଡ଼ା ଯାଇଥିବା ରଙ୍ଗୀନ ମାଳ ଆଦି ପ୍ରଧାନ । ମାଳିଗୁଡ଼ିକ ବେକଠାରୁ ନାଭି ପର୍ଯ୍ୟନ୍ତ ଶରୀରର ଉପର ଅଂଶକୁ ସଂପୂର୍ଣ୍ଣ ଭାବରେ ଆବୃତ୍ତ କରି ରଖିଥାଏ । ଏହା ବ୍ୟତୀତ ସେମାନେ ଆଲୁମିନିୟମରେ ତିଆରି ଖଗଲା, କାନ ଓ ନାକ ରିଙ୍ଗ୍ ହାତ ମୁଦି, ଚୁଡ଼ି, ବଳା ଆଦି ଅଳଂକାର ପିନ୍ଧନ୍ତି । ସେମାନେ ଘାସ ଓ ମାଳି ଦ୍ୱାରା ତିଆରି ହେଡ୍ ବ୍ୟାଣ୍ଡ୍ ବ୍ୟବହାର କରନ୍ତି ମୁଣ୍ଡରୁ ବାଳକାଟି ନେଇ ସେମାନେ ରଙ୍ଗୀନ ମାଳିରେ ଯେପରି ମସ୍ତକ ମଣ୍ଡନ କରିଥାନ୍ତି ତାହା ବେଶ୍ ଆକର୍ଷଣୀୟ ହୋଇଥାଏ ।













## ବସତି




ସୁନ୍ଦର ପ୍ରାକୃତିକ ପରିବେଷ୍ଟନୀ ଭିତରେ ବଣ୍ଡାବସତି ଗୁଡ଼ିକ ପାହାଡ଼ର ଶୀର୍ଷଦେଶ ଓ ପାହାଡ଼ ଗଡ଼ାଣିରେ ଗଢ଼ି ଉଠିଥାଏ । ପାହାଡ଼ୀ ରାସ୍ତା ଅତ୍ୟନ୍ତ ଅଙ୍କାବଙ୍କା ଓ ସର୍ପିଳ ହୋଇଥିବାରୁ ବଣ୍ଡା ଅଂଚଳକୁ ପ୍ରବେଶ କରିବା କଷ୍ଟସାଧ୍ୟ ହୋଇଥାଏ ।

ବଣ୍ଡା ଗାଁଗୁଡ଼ିକ ବଡ଼ ଓ ସାନ ହୋଇଥାଏ । ବଡ଼ ଗାଁ ଗୁଡ଼ିକ ଛୋଟ ଛୋଟ ପଡ଼ାରେ ବିଭକ୍ତ ହୋଇଥାଏ । ଗାଁ ଭିତରେ ନିର୍ଦ୍ଦିଷ୍ଟ ରାସ୍ତା ନଥାଏ । ଘରଗୁଡ଼ିକ ଲଗାଲଗି ହେଲେ ମଧ୍ୟ ଏଠି ସେଠି ହୋଇ ନିର୍ମିତ











ହୋଇଥାଏ । ଗାଁ ଭିତରେ ସମସ୍ତଙ୍କ ସୁବିଧା ହେଲାଭଳି ଏକ ପ୍ରଶସ୍ତ ଜାଗାରେ ଗାଁର ସଭାମଣ୍ଡପ ରହିଥାଏ । ଏହାକୁ "ସିନ୍ଦି ବୋର" କୁହାଯାଏ । ଗାଁର ଶେଷମୁଣ୍ଡରେ ଅଥବା ମଝିରେ ଅବିବାହିତ ବଣ୍ଡା ଝିଅମାନଙ୍କ ଯାଇଁ ଯୁବାଘର ବା ସେଲାନି ଡିଙ୍ଗୋ ଥାଏ ।














ଗାଁର ପ୍ରବେଶ ପଥରେ ଗ୍ରାମ ଦେବତୀ(ହୁଣ୍ଡି)ଙ୍କ ଆସ୍ଥାନ । ବଣ୍ଡା ଅଞ୍ଚଳର ମୁଖ୍ୟ ଗାଁ ମୁଦୁଲିପଡ଼ା ଗାଁର ବରଗଛ ସନ୍ଧିର ଥିବା ବଡ଼ ଖଣ୍ଡାଟି ସୃଷ୍ଟିକର୍ତ୍ତା ଓ ସର୍ବଶ୍ରେଷ୍ଠ ଦେବତା “ପାଟଖଣ୍ଡା” ମହାପ୍ରଭୁଙ୍କର ସନ୍ତକ ଭାବରେ ପୂଜାପାନ୍ତି । ଗାଁକୁ ଲାଗି ରହିଥିବା ଚିରସ୍ରୋତା ପାହାଡୀ ଝରଣାର ଜଳକୁ ସମସ୍ତେ ବ୍ୟବହାର କରନ୍ତି । ଗାଁର ଅନତିଦୂରରେ ଗ୍ରାମ୍ୟ ଶ୍ମଶାନ ।









# ଗୃହ ନିର୍ମାଣ


ଚାଳ ଛପର ହୋଇଥିବା ଛୋଟ କୁଡ଼ିଆଟି ବଣ୍ଡାର ରହିବା ଘର । କାନ୍ଥଗୁଡ଼ିକ ବାଉଁଶ ଚାଞ୍ଚରାରେ ତିଆରି । ତାହା ମାଟି ଓ ଗୋବରରେ ଲିପା ହୋଇଥାଏ ।








ରଙ୍ଗମାଟିରେ କାନ୍ଥକୁ ଚିତ୍ରିତ କରାଯାଏ । "ପିରି" ନାମକ ଏକ ପ୍ରକାର ବଣ୍ୟଘାସ ଦ୍ୱାରା ଘରକୁ ଛପର କରାଯାଏ । ବର୍ତ୍ତମାନ 'ପିରି' ବଦଳରେ କେତେକ ଲୋକ ଟାଇଲ, ଟିଣ ଓ ଆଜବେଷ୍ଟସ ଘର ତିଆରି କରୁଛନ୍ତି ।





ଘରର ସମ୍ମୁଖରେ ଅଥବା ଚତୁପାର୍ଶ୍ୱରେ ପ୍ରଶସ୍ତ ବାରଣ୍ଡା । ଶୋଇବା ଓ ଅବସର ଉଦ୍ଦେଶ୍ୟରେ ଏହା ବ୍ୟବହୃତ ହୁଏ । ଏହା ଖୋଲାଥାଏ କିମ୍ୱା ମାଟି କାନ୍ଥ ଦ୍ୱାରା ନିବୁଜ ହୋଇଥାଏ । ଚଉକାଠକୁ କାରୁକାର୍ଯ୍ୟ ବିମଣ୍ଡିତ କରି ଘରର ପ୍ରବେଶ ପଥକୁ ଆକର୍ଷଣୀୟ କରିବା ସହିତ କାନ୍ଥରେ ରଙ୍ଗ ଦିଆଯାଇଥାଏ ।








ବଣ୍ଡାମାନେ ଭିତର ଘରକୁ ପୃଥକ ଭାବରେ ବଣ୍ଟୁଆରା କରି ଶୋଇବା ଘର ସହ ରୋଷେଇ ଘର ଓ ଭଣ୍ଡାର ଘର ଭାବରେ ବ୍ୟବହାର କରନ୍ତି । ଘରେ ଅତି ଦରକାରରେ ଆସୁଥିବା ଯତ୍‌ସାମାନ୍ୟ ଘରକରଣା ଜିନିଷ ରହିଥାଏ । ଧନୁ, ତୀର, କେତୋଟି ମାଟିପାତ୍ର, ଓ କୃଷି ଉପକରଣ ମଧ୍ୟ ଥାଏ ।










ଘରକୁ ଲାଗି ଅଥବା ଘରଠାରୁ ଅନତି ଦୂରରେ ଗାଈ, ବଳଦ, ମଇଁଷି, ଛେଳି, କୁକୁଡା ଆଦି ଗୃହପାଳିତ ପଶୁଗୁଡ଼ିକ ନିମନ୍ତେ ସ୍ୱତନ୍ତ୍ର ଚାଳଘର ନିର୍ମାଣ କରାଯାଇଥାଏ ।








କେତେକ ବଣ୍ଡାଘର ବାଉଁଶ ଫାଳ ବା ବତା ଦ୍ୱାରା ବାଡ଼ବନ୍ଦୀ ହୋଇଥାଏ । ଘର ପଛପଟେ ଅଥବା ସଂନିକଟ ସ୍ଥାନରେ ବାଡ଼ ବଗିଚା କରାଯାଇଥାଏ । ଏଠାରେ ପଣସ, ଆମ୍ବ, ପିଜୁଳି, ଲେମ୍ବୁ ଆଦି ଫଳନ୍ତି ବୃକ୍ଷ ସହିତ ଋତୁକାଳୀନ ପନିପରିବା ମଧ୍ୟ ଲଗାଯାଏ । ବଗିଚାଟି ବାଉଁଶ ବତାର ବାଡ଼ ଦ୍ୱାରା ଆବଦ୍ଧ ହୋଇଥାଏ ।








## ଜୀବନଧାରା

ବଣ୍ଡାମାନେ ବାସ କରୁଥିବା ଉଚ୍ଚଭୂମିର ଜଳବାୟୁ ଗ୍ରୀଷ୍ମଋତୁରେ ମଧ୍ୟ ନାତିଶୀତୋଷ୍ଣ ଥାଏ । ଜୀବନ ଜୀଇଁବା ପାଇଁ ବଣ୍ଡାମାନେ ସକାଳୁ ଉଠି ସେମାନଙ୍କ ଦୈନନ୍ଦିନ କାମରେ ଲାଗିପଡନ୍ତି । ସକାଳ କାମ ଶେଷ କରିବା ପାଇଁ ସେମାନେ ସୂର୍ଯ୍ୟୋଦୟ ପୂର୍ବରୁ ଉଠନ୍ତି । ପରେ ପରେ ଜୀବିକା କ୍ଷେତ୍ରକୁ ଯାଇ କଠିନ ପରିଶ୍ରମ କରିବା ପାଇଁ ପ୍ରସ୍ତୁତ ହୋଇଯାଆନ୍ତି ।






କଠିନ ପରିଶ୍ରମୀ ବଣ୍ଡା ମହିଳାମାନେ ଘରର ବିବିଧ କାର୍ଯ୍ୟ କରିବା ପାଇଁ ପୁରୁଷମାନଙ୍କ ଠାରୁ ସଅଳ ଉଠନ୍ତି । ପ୍ରକୃତରେ ବଣ୍ଡା ସମାଜର ମେରୁଦଣ୍ଡ ହିସାବରେ ପରିବାର ପରିଚାଳନାରେ ମହିଳାମାନଙ୍କର ପ୍ରମୁଖ ଓ ଗଠନମୂଳକ ଭୂମିକା ରହିଛି ।












ବଣ୍ଡାମହିଳାମାନେ ପାରିବାରିକ କାର୍ଯ୍ୟବୋଝରେ ଅଧିକାଂଶ ଅଂଶ ନିଜେ ସମ୍ଭାଳି ଥାନ୍ତି । ଏତଦ୍‌ବ୍ୟତୀତ ଶିଶୁଯତ୍ନ, ଘର ପରିଷ୍କାର ପରିଚ୍ଛନ୍ନ, ଲିପାପୋଛା, ଗୃହପାଳିତ ପଶୁଙ୍କ ଯତ୍ନ ନେବା, ଗୁହାଳ ପୋଛିବା, ଲୁଗାପଟା, ଓ ବାସନକୁସନ ଆଦି ସଫା କରିବା, ପାଣି ଆଣିବା, ଜାଳେଣି କାଠ ସଂଗ୍ରହ କରିବା, ଖାଦ୍ୟ ପ୍ରସ୍ତୁତ କରିବା ଓ ପରଷିବା, ରିଙ୍ଗା ବୁଣିବା, ଝାଡୁ ଓ ପତ୍ରଦନା ତିଆରି କରିବା, ଜିନିଷପତ୍ରର କିଣାବିକା ଓ ବଦଳ ପାଇଁ ସାପ୍ତାହିକ ହାଟକୁ ଯିବା ଆଦି ଗୁରୁତ୍ୱପୂର୍ଣ୍ଣ କାମ ମଧ୍ୟ କରନ୍ତି । ଏହି କାରଣରୁ ବଣ୍ଡାସମାଜ ମହିଳାମାନଙ୍କୁ ସମ୍ମାନ ଦିଏ ।














ନିତିଦିନିଆ ଘରୋଇ କାମ ସାରିଲା ପରେ ବଣ୍ଡା ପୁରୁଷ, ମହିଳା ଓ ପିଲାମାନେ ସାଙ୍ଗରେ ମଧ୍ୟାହ୍ନ ଭୋଜନ ଧରି କାର୍ଯ୍ୟକ୍ଷେତ୍ରକୁ ବାହାରି ପଡନ୍ତି ।








ବଂଧୁର, ରୁକ୍ଷ ଓ ଶୁଷ୍କ ଅଂଚଳ ବ୍ୟତୀତ ପାଣି ସୁବିଧା ଥିବା ସ୍ଥାନରେ ଝୋଲାଚାଷ କରିବା ସହିତ ସେମାନେ ପୋଡୁଚାଷ (ଡଙ୍ଗର ଚାଷ) କରି ଜୀବିକା ନିର୍ବାହ କରନ୍ତି । କାମ କଲାବେଳେ କାର୍ଯ୍ୟକ୍ଷେତ୍ରରେ ଘରୁ ଆଣିଥିବା ମଧ୍ୟାହ୍ନ ଭୋଜନ ଖାଆନ୍ତି । ବେଳେବେଳେ ସେମାନେ ନିଜ ନିଜର କର୍ମକ୍ଷେତ୍ରରେ ଖାଦ୍ୟ ପ୍ରସ୍ତୁତ କରି ଖାଇବାର ଦେଖାଯାଏ । ଅପରାହ୍ଣରେ ସେମାନେ ଘରକୁ ଫେରି ଆସନ୍ତି ।















ତାଜା ସଲପ ରସ ପ୍ରତି ବଣ୍ଡା ପୁରୁଷମାନଙ୍କର ଆସକ୍ତି ରହିଥାଏ । ସେମାନେ ସଲପ ଗଛରେ ଚଢ଼ି ରସ ସଂଗ୍ରହ କରନ୍ତି । ଏହା ଏକ ନିଶାଯୁକ୍ତ ପାନୀୟ । କ୍ଷଣକୋପି ବଣ୍ଡା ପୁରୁଷର ପ୍ରକୃତି । ସେମାନେ ଅଭିଜ୍ଞ ଧନୁର୍ଦ୍ଧର । ବାହାରକୁ ଯିବାବେଳେ ଧନୁ, ତୀର, ଛୁରୀ, ଟାଙ୍ଗି ଆଦି ଅସ୍ତ୍ର ସାଙ୍ଗରେ ନେଇଥାନ୍ତି । ନିଶାଗ୍ରସ୍ତ ଅବସ୍ଥାରେ ସେମାନେ ଅତ୍ୟନ୍ତ ଉଗ୍ର ଓ ଭୟଙ୍କର ହୋଇ ନରହତ୍ୟା ଭଳି ଅପରାଧ ମଧ କରିଥିବାର ଦେଖାଯାଏ ।











କର୍ମକ୍ଷେତ୍ରରୁ ଫେରିବା ପରେ ବଣ୍ଡା ମହିଳାମାନେ ନିତିଦିନିଆ ଘରକାମରେ ଲାଗିପଡନ୍ତି । ପିଲାମାନଙ୍କର ଯତ୍ନ ନିଅନ୍ତି । ସାନ୍ଧ୍ୟ ଭୋଜନ ପ୍ରସ୍ତୁତ କରିବା ନିମନ୍ତେ ଜାଳେଣୀ କାଠ ସଂଗ୍ରହ କରନ୍ତି । ଉଷାରୁ ଗୋଧୂଳି ଯାଏ ବଣ୍ଡା ମହିଳା ସେମାନଙ୍କ କାମରେ ଲାଗିଥାନ୍ତି । ଅବସର ସମୟରେ ସେମାନେ ଏକତ୍ରିତ ହୋଇ ଗପସପ କରିଥାନ୍ତି ।







ପୁରୁଷ, ମହିଳା ଓ ପିଲାମାନେ ନିଜ ନିଜ ସାମର୍ଥ୍ୟ ମୁତାବକ କାର୍ଯ୍ୟ ସମ୍ପାଦନ କରନ୍ତି । ପିଲାମାନେ ଓ ବୁଢ଼ାବୁଢ଼ୀମାନେ ମଧ୍ୟ କିଛି କାମ ନ କରି ଖାଲିଟାରେ ବସି ରୁହନ୍ତି ନାହିଁ । ଦଶ ବର୍ଷରୁ ଉର୍ଦ୍ଧ୍ୱ ପିଲାମାନେ ବାପା ମାଆଙ୍କୁ ଘରକାମ ଓ ବାହାର କାମରେ ସାହାଯ୍ୟ କରନ୍ତି । ବାପା ମାଆଙ୍କର ଅନୁପସ୍ଥିତିରେ ପିଲାମାନେ ସେମାନଙ୍କର ସାନ ଭାଇ ଭଉଣୀମାନଙ୍କର ଯତ୍ନ ନିଅନ୍ତି ।











ଶୀତ ଋତୁରେ ସୂର୍ଯ୍ୟାସ୍ତ ପରେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଲୋକମାନେ ରାସ୍ତାରେ ନିଆଁଜାଳି ଚାରିପଟେ ବସି ଦୁଃଖସୁଖ ହୋଇଥାନ୍ତି ।







ପର୍ବପର୍ବାଣି ସମୟରେ ଅଥବା ଅବସର ସମୟରେ ଚାକଚକ୍ୟ ଓ ସୁଦୃଶ୍ୟ ଅଳଂକାର ଶୋଭିତ ପାରଂପରିକ ବେଶପୋଷାକ ପିନ୍ଧି ଯୁବକ ଯୁବତୀମାନେ ଆନନ୍ଦ ମନରେ ନାଚି କରନ୍ତି । ବେଳେବେଳେ ସେମାନଙ୍କ ନୃତ୍ୟ ଦିନରାତି ଲାଗିରୁହେ । ଅନ୍ୟମାନେ ଅନତି ଦୂରରୁ ସେମାନଙ୍କ ନୃତ୍ୟକୁ ଅନୁଭବ କରନ୍ତି ।








# ଜୀବନ ଓ ଜୀବିକା



ଜୀବନ ଜୀଇଁବା ପାଇଁ ବଣ୍ଡାମାନେ ବଂଧୁର, କର୍କଶ ଓ ଶୁଷ୍କ ବସତି ଅଂଚଳରେ ହାଡ଼ଭଙ୍ଗା ପରିଶ୍ରମ କରନ୍ତି । ସାଧାରଣତଃ ବଣ୍ଡାମାନେ କୃଷିଜୀବୀ । ସେମାନେ ବ୍ୟାପକ ଅଂଚଳରେ ପୋଡୁଚାଷ କରନ୍ତି । ଏଥିରୁ ସେମାନେ ଖାଦ୍ୟଶସ୍ୟ, ଡାଲି ଓ ତୈଳବୀଜ ଜାତୀୟ ଫସଲ ଯଥା କାଙ୍ଗୁ, ସୁଆଁ, ଜନା, ବିରି, ମକା ଅଳସି ଆଦି ଉତ୍ପାଦନ କରନ୍ତି । ଜଳସେଚନର ସୁବିଧା ଥିବା କ୍ରମାବନତ ପାହାଡ଼ୀ ସମତଳ ଜମିରେ ତଳିରୁଆ ପଦ୍ଧତିରେ ଧାନଚାଷ କରାଯାଏ ।

ବଣ୍ଡାମାନଙ୍କ ବସତି ଅଂଚଳରେ ଡଙ୍ଗର ଚାଷ ଓ ସାଧାରଣ ଚାଷର ଏକ ସୁନ୍ଦର ସମନ୍ୱୟ ଚତୁର୍ଦ୍ଦିଗକୁ ପ୍ରସାରିତ ହୋଇଥାଏ । ଟାରା ରୋପଣ ; ତଳିରୁଆ, ଏକ-ଫସଲୀ ଓ ବହୁ-ଫସଲୀ କୃଷିର ମିଶ୍ରିତ ନିଆରା ଢଙ୍ଗ ସ୍ୱଷ୍ଟ ବାରି ହୋଇପଡ଼େ ।







ବାଡ଼ି ବଗିଚାରେ ସେମାନେ ମକା, ଧୂଆଁପତ୍ର, ଫଳ ଓ ପନିପରିବା ଚାଷ କରନ୍ତି ।

କୃଷି ବ୍ୟତୀତ ପଶୁପାଳନ ଓ ଋତୁକାଳୀନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ସେମାନଙ୍କୁ ଅତିରିକ୍ତ ଜୀବିକା ଭାବରେ ଜୀବନଧାରଣରେ ଆବଶ୍ୟକୀୟ ସହାୟତା ଯୋଗାଇଥାଏ ।


ବଣ୍ଡାମାନେ ପାହାଡ଼ୀ ଅଂଚଳରୁ ମୁଣ୍ଡିଗୁଡ଼ା, କୁଡୁମୁଲୁଗୁମା, ଗୋବିନ୍ଦପାଲି, ମାଥିଲି, ଲମତାପୁଟ, ଖଇରପୁଟ, ପଣସପୁଟ, ଅନ୍‌କାଡେଲି ଆଦି ସମତଳ ଅଂଚଳରେ ବସୁଥିବା ସାପ୍ତାହିକ ହାଟକୁ ଆସନ୍ତି । ଏଠାରେ ସେମାନେ ବାହାର ଦୁନିଆ ସଂସ୍ପର୍ଶରେ ଆସନ୍ତି ।

ବଳକା କୃଷି ଉତ୍ପାଦିତ ଦ୍ରବ୍ୟ, ଲଘୁ ବନଜାତ ଦ୍ରବ୍ୟ ଓ ଝାଡୁ ଆଦିକୁ ସେମାନେ ସାପ୍ତାହିକ ହାଟରେ ବିକ୍ରି କରନ୍ତି ଅଥବା ଅଦଳ ବଦଳ ମଧ କରନ୍ତି । ବଜାର ସମ୍ବନ୍ଧୀୟ ନେଣଦେଣ କାରବାର ମୁଖ୍ୟତଃ ମହିଳାମାନଙ୍କ ଦ୍ୱାରା ହୋଇଥାଏ । ଏହା ବ୍ୟତୀତ ସେମାନେ ନିକଟ ଓ ଦୂର ଗାଁରୁ ଆସିଥିବା ବଂଧୁବାନ୍ଧବ ଓ ସଂପର୍କୀୟମାନଙ୍କୁ ହାଟରେ ଭେଟି ଉଲ୍ଲସିତ ହେବା ସହ ଖାଇବା ଦୋକାନର ଖାଦ୍ୟସାମଗ୍ରୀ ଓ ମିଠା ଆଦି କିଣି ଖାଇବାରେ ସଉକ ରଖନ୍ତି । ଏସବୁ ବଜାର ଦିନବେଳା ବସେ । ଅପରାହ୍ନରେ ସେମାନେ ସେମାନଙ୍କର ଗୃହାଭିମୁଖୀ ହୋଇଥାନ୍ତି ।















# ଗୁଣି ଗାରେଡି ଓ ଧର୍ମ






ବଣ୍ଡାମାନେ ବହୁ ଦେବଦେବୀଙ୍କୁ ପୂଜା କରନ୍ତି । ବହୁ ଦେବତା ଓ ଆତ୍ମାଙ୍କର ଉପସ୍ଥିତିକୁ ସେମାନେ ବିଶ୍ୱାସ କରନ୍ତି । ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ପାଟଖଣ୍ଡା ମହାପ୍ରଭୁ । ମାଟି ମା ଓ ଗ୍ରାମଦେବୀ ହୁଣ୍ଡି ଅଥବା ବୁରସୁଙ୍ଗ, ଝରଣାର ଦେବୀ କାପୁରଚୁଆଁ, ଗୁହାଳର ଦେବୀ ଧରତନି, ବନଦେବୀ ଉଗା ଓ ରେନୁଙ୍ଗବୋର, ଆମ୍ବ ଗଛରେ ଥିବା ଆତ୍ମା ଡୋଲିଆଙ୍ଗ୍, ସମତଳ ନିମ୍ନଭୂମିରେ କରାଯାଇଥିବା ଧାନକ୍ଷେତର ଆତ୍ମା- କାଳିଆ ରାଣୀ, ଡ୍ରମ୍ ବାଜାର ଆତ୍ମା ଭିଣ୍ଡିଂଗ ସାଗରକୁ ସେମାନେ ପୂଜା କରନ୍ତି ।









ପର୍ବପର୍ବାଣି ଓ ଅନ୍ୟ ଦିନଗୁଡ଼ିକରେ ଗାଁର ଧର୍ମମୁଖ୍ୟ ସିସା ଅଥବା ପୂଜାରୀ ଦେବଦେବୀମାନଙ୍କ ପୂଜାବିଧି ସଂପନ୍ନ କରେ ।







ଏହା ବ୍ୟତୀତ ଅନେକ ଦୁଷ୍ଟ ଓ ଅନିଷ୍ଟକାରୀ ଆତ୍ମା ରହିଥାନ୍ତି । ସେମାନେ ଖୁସି ମିଞ୍ଜାସରେ ରହିବା ପାଇଁ ଧାର୍ମିକ ପୂଜା ଓ ବଳି ଚାହାଁନ୍ତି । ଗୁରୁମାଇ ସମନ ମନ୍ତ୍ରିତ ଚାଉଳ ସାହାଯ୍ୟରେ ରୋଗ ଓ ଅନ୍ୟାନ୍ୟ ଅସୁବିଧାର ନିଦାନ ନିର୍ଣ୍ଣୟ କରେ । ଏଥିପାଇଁ ସମନ ଅଚେତ ହେଲାଭଳି ନିଦୁଆ ଅବସ୍ଥାରେ ରହି ସେହି ଆତ୍ମା ସହ ସଂପର୍କ ଯୋଡ଼େ ଓ ପୂଜାଦି କର୍ମ କରିବା ସହିତ ବଳି ଦେଇ ଦୁଷ୍ଟ ଆତ୍ମାକୁ ସନ୍ତୁଷ୍ଟ କରେ ।

# ସାମାଜିକ ନିୟନ୍ତ୍ରଣ

ବଣ୍ଡା ଗ୍ରାମଗୁଡ଼ିକ ପାରଂପରିକ ଭାବରେ ସ୍ୱୟଂଶାସିତ। ସମାଜର ସୁପରିଚାଳନା ନିମନ୍ତେ ଗୋଟିଏ କାର୍ଯ୍ୟପାଳିକା ମଣ୍ଡଳ ଥାଏ । ଗାଁର ମୁଖ୍ୟଙ୍କୁ ବଣ୍ଡାମାନେ ନାୟକ/ ନାଏକ କୁହନ୍ତି । ଚାଲାନ୍ ଗ୍ରାମସଭାର ଆୟୋଜନ କରେ । ବାରିକ୍ ଗାଁର ବାର୍ତ୍ତାବହ ଭାବରେ କାମ କରେ । ବାରିକ ଡମ୍ବ ଜାତିର ହୋଇଥାଏ ।



ଜ୍ଞାନୀ, ଅଭିଜ୍ଞ ଓ ବୟୋଜ୍ୟଷ୍ଠ ବ୍ୟକ୍ତି ଗାଁର ମୁଖିଆ ହୋଇଥାନ୍ତି । ସିନ୍ଦିବୋରରେ ଅନୁଷ୍ଠିତ ଗ୍ରାମସଭାରେ ସେ ସଭାପତିତ୍ୱ କରନ୍ତି । ସେଠାରେ ସେ ଗ୍ରାମ୍ୟ ବିବାଦର ମିମାଂସା କରି ଲୋକମାନଙ୍କୁ ରାୟ ଶୁଣାନ୍ତି । ସାମାଜିକ ପ୍ରଥା ଓ ପରଂପରାକୁ ବିରୋଧ କରୁଥିବା ଘଟଣାଗୁଡ଼ିକ ଗ୍ରାମସଭାରେ ବିଚାର ହୁଏ । ଘଟଣାର ଗୁରୁତ୍ୱକୁ ଆଧାର କରି ଦୋଷୀ ପ୍ରତି ଦଣ୍ଡବିଧାନ କରାଯାଏ ।





# ନୃତ୍ୟ ପରଂପରା

ଗୋଟିଏ ପଟେ ବଣ୍ଡାମାନେ ଯେତିକି ଉଗ୍ର ଓ ଭୟଙ୍କର ଜଣାପଡନ୍ତି ଆରପଟେ ସେମାନଙ୍କ ଜୀବନ ସେତିକି ଶାନ୍ତ-ସରଳ, ନମନୀୟ ଓ ସୌନ୍ଦର୍ଯ୍ୟ ବିମଣ୍ଡିତ ହୋଇଥାଏ । ଏହା ସେମାନଙ୍କ ପରଂପରିକ ସଂଗୀତ ଓ ନୃତ୍ୟକଳା ଭିତରେ ପ୍ରକାଶିତ ହୋଇଥାଏ ।







ବଣ୍ଡା କିଶୋର କିଶୋରୀମାନେ ଯୁବାଆବାସସ୍ଥଳୀର ସଦସ୍ୟ ହୋଇଥାନ୍ତି । ପର୍ବପର୍ବାଣି ଓ ବିଭିନ୍ନ ଦିନରେ ସେମାନଙ୍କର ନୃତ୍ୟ ଆସର ଅନୁଷ୍ଠିତ ହୁଏ । ଆଡ଼ମ୍ବରପୂର୍ଣ୍ଣ ପୋଷାକ ପିନ୍ଧି, ବିଭିନ୍ନ ଉଜ୍ଜ୍ୱଳ ଅଳଂକାରରେ ସୁ-ଶୋଭିତ ହୋଇ ସେମାନେ ସୁନ୍ଦର ନୃତ୍ୟ ପରିବେଷଣ କରନ୍ତି । ବଣ୍ଡା ଯୁବକମାନେ ବାଦ୍ୟଯନ୍ତ୍ର ବଜାଉଥିବା ସମୟରେ ଯୁବତୀମାନେ ହାତରେ ଗୋଛା ଗୋଛା ମୟୂର ପୁଚ୍ଛ ଧରି ବାଦ୍ୟର ତାଳେ ତାଳେ ନାଚିଉଠନ୍ତି ।









## ପରିବର୍ତ୍ତିତ ଦୃଶ୍ୟପଟ

ଅପହଞ୍ଚ ପାର୍ବତ୍ୟାଞ୍ଚଳରେ ବଣ୍ଡା ଆଉ ଏବେ ନିଃସଙ୍ଗ ହୋଇନାହାନ୍ତି । ସେମାନଙ୍କ ଅଂଚଳକୁ ବିକାଶର ମାର୍ଗ ପ୍ରବେଶ କରିଛି । ଓଡ଼ିଶାରେ ବସବାସ କରୁଥିବା ୧୩ ପ୍ରକାର ଆଦିମ ଆଦିମ ଜନଜାତିଙ୍କ ମଧ୍ୟରେ ବଣ୍ଡା ଅନ୍ୟତମ ବୋଲି ଚିହ୍ନିତ ହୋଇଛି । ବଣ୍ଡା

ଉନ୍ନୟନ ସଂସ୍ଥା ନାମରେ ମୁଦୁଲିପଡ଼ା ଠାରେ ଓଡ଼ିଶାର ପ୍ରଥମ ଅଣୁପ୍ରକଳ୍ପ କାର୍ଯ୍ୟ କରୁଛି । ସର୍ବାଙ୍ଗୀନ ବିକାଶ କଳ୍ପେ ପ୍ରମୁଖ ବଣ୍ଡା ବସତି ଅଂଚଳ ମୁଦୁଲିପଡ଼ାରେ ଏହି ଅଣୁ ପ୍ରକଳ୍ପ ଯୋଜନା ସେମାନଙ୍କ ପାରଂପରିକ ଜୀବନଶୈଳୀରେ ଫଳପ୍ରଦପରିବର୍ତ୍ତନ ଆଣିଦେଇଛି ।


ଦୁର୍ଗମ ଅଂଚଳରୁ ମୁଖ୍ୟସହରକୁ ଗମନାଗମନର ସୁବିଧା ନିମନ୍ତେ ରାସ୍ତା ସଂଯୋଗୀକରଣ, ଗୃହନିର୍ମାଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସର୍ବୋପରି ଜୀବିକା ନିର୍ବାହର ଶୈଳୀରେ ଆବଶ୍ୟକୀୟ ପରିବର୍ତ୍ତନ ହୋଇଛି । ଶିକ୍ଷା ପ୍ରସାରକୁ ଅଗ୍ରାଧିକାର ଦିଆଯାଇଛି ।






ମୁଦୁଲିପଡ଼ାଠାରେ ବାଳକ ଓ ବାଳିକାମାନଙ୍କ ଶିକ୍ଷା ନିମନ୍ତେ ଆବାସିକ ବିଦ୍ୟାଳୟ ଖୋଲାଯାଇଛି ।


କ୍ରମୋନ୍ନତଶୀଳ ବଣ୍ଡାମାନେ ଗହମ, ଅଧିକ ଅମଳକ୍ଷମ ଧାନ, ଡାଲିଜାତୀୟ ଫସଲ, ଆଳୁ ଓ ଅନ୍ୟାନ୍ୟ ପନିପରିବା ଚାଷ ଆରମ୍ଭ କଲେଣି । ବର୍ତ୍ତମାନ ସେମାନେ ଉନ୍ନୟନ ପଥ ନେଇ ଗତି କରୁଛନ୍ତି । ଉନ୍ନୟନର ମାଧ୍ୟମରେ ସେମାନଙ୍କୁ ମିଳୁଥିବା ସୁବିଧା ସୁଯୋଗକୁ







ଉପଯୋଗ କରି ଆଧୁନିକତାକୁ ଗ୍ରହଣ କରିବେ ନା ସେମାନଙ୍କର ପାରଂପରିକ ସାମାଜିକ-ସାଂସ୍କୃତିକ ପରିଚିତିକୁ ଅକ୍ଷୁଣ୍ଣ ରଖିବେ, ଏ ନିଷ୍ପତ୍ତି ସେମାନଙ୍କ ହାତରେ ।







# ପୃଷ୍ଠଭୂମି

ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୂହର ଜଟିଳତା ମଧ୍ୟରେ ନିଜର ଅସ୍ମିତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚାଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୂହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

**ବିଶ୍ୱର କୁମାର ନାୟକ**
ସଦସ୍ୟ ସଚିବ




**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ କନ୍ସଲ୍ଟାନ୍ସି